# ଏକକ - ୯ ପରିବେଶ ଅଧ୍ୟୟନରେ ଶିକ୍ଷଣ ଆକଳନ କରିବା



ଟିପ୍ପଣୀ

ସଂରଚନା

୯.୦ ଉପକ୍ରମ

୯.୧ ଶିକ୍ଷଣ ଉଦ୍ଦେଶ୍ୟ

୯.୨ ପରିବେଶ ଅଧ୍ୟୟନ ଶିକ୍ଷାଦାନ – ଶିକ୍ଷଣ ଉଦ୍ଦେଶ୍ୟ ସମୂହ ସହ ଆକଳନ କିପରି ସଂପର୍କିତ

୯.୩ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆକଳନ କରିବାକୁ ଆମେ କାହିଁକି ଆବଶ୍ୟକ କରୁ

  ୯.୩.୧ ଆକଳନର ନିଦାନାତ୍ମକ ଓ ମାର୍ଗଦର୍ଶକ ଉଦ୍ଦେଶ୍ୟ

  ୯.୩.୨ ଆକଳନ ମଧ୍ୟ ଶିକ୍ଷାଦାନ ବିଷୟରେ କହିଥାଏ

୯.୪. ନିରନ୍ତର ଓ ସାମଗ୍ରୀକ ମୂଲ୍ୟାୟନ

୯.୫. ଆକଳନର ପ୍ରକାର: ଔପଚାରିକ ଓ ଅନୌପଚାରିକ

୯.୫.୧ ଆକଳନ : ଗଠନମୂଳକ ଓ ସମାପ୍ତିସୂଚକ

୯.୬. ଗୋଟିଏ ଆକଳନକୁ କ'ଣ ସବୁ ଭଲ କରିଥାଏ

୯.୭. ଶିକ୍ଷା କୈନ୍ଦ୍ରିକ ଆକଳନ

୯.୭.୧. ସ୍ୱଆକଳନ ଓ ସହପାଠୀ ଆକଳନ

୯.୭.୨. ସଞ୍ଚୟୀ ଘଟଣାବଳୀ ବିବରଣୀ ପତ୍ର

୯.୭.୩. ପ୍ରକଳ୍ପ ମାଧ୍ୟମରେ ଆକଳନ

୯.୭.୪. ଅଂଶଗ୍ରହଣର ପରିସର ଓ ଗୁଣାତ୍ମକତା

୯.୮. ସାରାଂଶ

୯.୯. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୯.୧୦. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ

୯.୧୧. ପାଠାନ୍ତ ପ୍ରଶ୍ନାବଳୀ

## ୯.୦. ଉପକ୍ରମ

ଆକଳନ ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ଶିକ୍ଷଣ ପରିବେଶର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ଜଣେ ଶିକ୍ଷାର୍ଥୀ ଓ ତାର ପିତାମାତାଙ୍କ ପାଇଁ ଆକଳନ ଖୁସି ବା ଦୁଃଖର କାରଣ ହୋଇପାରିବ । ଶିକ୍ଷାର୍ଥୀଙ୍କ ଅଗ୍ରଗତିର ଯାଞ୍ଚ ଓ ବିବରଣୀ ପ୍ରଦାନ କରିବା ଓ ପରବର୍ତ୍ତୀ ଶିକ୍ଷାଦାନ ପାଇଁ ନିଷ୍ପତି ନେବାରେ ଜଣେ ଶିକ୍ଷକ ନିୟମିତଭାବେ ଶିକ୍ଷାର୍ଥୀଙ୍କୁ ଆକଳନ କରିବା ଆବଶ୍ୟକ । ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଶିକ୍ଷକ ଆକଳନ ନିମିତ୍ତ ଏକ ଦାୟିତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପନ୍ଥା ଗ୍ରହଣ କରେ । ତୁମେ ସାଧାରଣଭାବେ ବ୍ଲକ୍ ୪ର ପାଠ ୩ରେ ଆକଳନ ବିଷୟରେ ପଢିସାରିଛି । ଏହି ଏକକରେ ତୁମେ ପରିବେଶ

ଟିପ୍ପଣୀ

ଅଧ୍ୟୟନରେ ଆକଳନର ଅନେକ ବିଚାର ବିଷୟରେ ଜାଣିବ ଯଥା କ'ଣ, କାହିଁକି ଓ କିପରି ଇତ୍ୟାଦି । ପରିବେଶ ଅଧ୍ୟୟନରେ ଶିକ୍ଷଣର ଆକଳନ ପନ୍ଥା ସହିତ ତୁମେ ମଧ୍ୟ ପରିବେଶ ଅଧ୍ୟୟନରେ ବ୍ୟବହୃତ ହୋଇଥିବା ବିଭିନ୍ନ ସାଧନୀ ଓ କୌଶଳୀ ସବୁକୁ ଜାଣିବ ।

## ୯.୧. ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକରେ ସମାପ୍ତ ପରେ ତୁମେ ସମର୍ଥ ହେବ:-

- ପରିବେଶ ଅଧ୍ୟୟନ ପ୍ରସଙ୍ଗରେ ଶିକ୍ଷଣ ଆକଳନର ଉଦ୍ଦେଶ୍ୟ ସୂଚିତ କରିବାରେ
- ପରିବେଶ ଅଧ୍ୟୟନରେ ନିରନ୍ତର ସାମଗ୍ରୀକ ମୂଲ୍ୟାୟନର ବ୍ୟବହାର ଜଣାଇ ପାରିବାରେ
- ଔପଚାରିକ ଓ ଅନୌପଚାରିକ ଏବଂ ଗଠନମୂଳକ ଓ ସମାପ୍ତି ସୂଚକ ଆକଳନ ଭଳି ବିଭିନ୍ନ ପ୍ରକାର ଆକଳନର ଗୁରୁତ୍ୱକୁ ବୁଝାଇପାରିବାରେ
- ଫଳପ୍ରଦ ଆକଳନ ଅଭ୍ୟାସଗୁଡିକର କୌଣସି ସମୂହକୁ ତାଲିକା କରିବାରେ
- ଆକଳନ ପାଇଁ ବିଭିନ୍ନ ପ୍ରକାର ଶିକ୍ଷଣ କୈନ୍ଦ୍ରିକ ପନ୍ଥା ଗୁଡିକୁ ଅଭ୍ୟାସ / ବ୍ୟବହାର କରିବାରେ

## ୯.୨ ପରିବେଶ ଅଧ୍ୟୟନ ଶିକ୍ଷାଦାନ- ଶିକ୍ଷଣ ଉଦ୍ଦେଶ୍ୟ ସମୂହ ସହ ଆକଳନ କିପରି ସଂପର୍କିତ

ଶିକ୍ଷାର୍ଥୀ ଓ ତା'ର ଚତୁଃପାର୍ଶ୍ୱ ମଧ୍ୟରେ ନିବିଡ ସମ୍ବନ୍ଧ ସୃଷ୍ଟି କରିବାକୁ ପରିବେଶ ଅଧ୍ୟୟନ ଲକ୍ଷ୍ୟ ରଖିଥାଏ । ଏହି ସମ୍ବନ୍ଧ ସୃଷ୍ଟିକରେ ପରିବେଶ ଅଧ୍ୟୟନରେ 'ଆକଳନ' ଏକ ଉପଯୋଗୀ ସାମଗ୍ରୀ ରୂପେ କାର୍ଯ୍ୟ କରିଥାଏ । ଗୋଟିଏ ଶୈକ୍ଷିକ ଦତ୍ତ କାର୍ଯ୍ୟ ପ୍ରତି ଶିକ୍ଷାର୍ଥୀର ପ୍ରତିକ୍ରିୟା ସଂପର୍କିତ ସୂଚନାକୁ ସଂଗ୍ରହ କରିବା, ବ୍ୟାଖ୍ୟା କରିବା, ଲିପିବଦ୍ଧ କରିବା ଓ ବ୍ୟବହାର କରିବା ପ୍ରକ୍ରିୟା ହିଁ ଆକଳନ ଅଟେ । ଶୈକ୍ଷିକ ଦତ୍ତ କାର୍ଯ୍ୟ ବା ଶିକ୍ଷଣ ଉଦ୍ଦେଶ୍ୟ ଗୁଡିକ କେତେକ ଶୈକ୍ଷିକ ଉଦ୍ଦେଶ୍ୟ ସମୂହ ଉପରେ ଆଧାରିତ । ଉଦାହରଣ ସ୍ୱରୂପ ଯେତେବେଳେ ଶିକ୍ଷକ ତାଙ୍କର ପିଲାମାନଙ୍କୁ ବିଦ୍ୟାଳୟ ପରିସରରେ ଆନନ୍ଦର ସହିତ ନିୟମିତ ଭାବରେ ଗଛଗୁଡିକରେ ପାଣି ଦେଉଥିବାର ଦେଖୁଥିବେ, ସେ ସେତେବେଳେ ପରିବେଶ ଅଧ୍ୟୟନରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଗୁଡିକ ସହ ସଂପର୍କିତ କରି (ମନୋବୃତ୍ତି ଓ ମୂଲ୍ୟବୋଧ ସହ ସଂପର୍କିତ ) ସେମାନଙ୍କର ଶିକ୍ଷଣକୁ ଆକଳନ କରନ୍ତି ।

## ୯.୩. ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆକଳନ କରିବାକୁ ଆମେ କାହିଁକି ଆବଶ୍ୟକ କରୁ

ଆକଳନ ଦ୍ୱାରା ସାଧିତ ହେଉଥିବା କେତେକ ଉଦ୍ଦେଶ୍ୟ ହେଲା :

- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶିକ୍ଷଣର ଗୁଣାତ୍ମକ ଓ ପରିମାଣାତ୍ମକ ଅଗ୍ରଗତିର ବୋଧଗମ୍ୟତାର ସମର୍ଥ କରାଇବା
- ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟଗୁଡ଼ିକୁ ଅନୁଭବ କରିବାରେ ଥିବା ଶୂନ୍ୟତାକୁ ନିରୂପଣ କରିବା ଓ ଅବଶ୍ୟକୀୟ ପଦକ୍ଷେପ ନେବା
- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଅଗ୍ରଗତି ବିଷୟରେ ପ୍ରତିପୁଷ୍ଟି ପ୍ରଦାନ କରିବା ଓ ପରବର୍ତ୍ତୀ ଶିକ୍ଷଣ ପାଇଁ ସେମାନଙ୍କୁ ଅଭିପ୍ରେରିତ ଓ ମାର୍ଗଦର୍ଶନ କରିବା ।

**ନିଜ ଅଗ୍ରଗତିର ଆକଳନ - ୧**

- ପରିବେଶ ଅଧ୍ୟୟନରେ ପୂର୍ବରୁ ତୁମେ ବ୍ୟବହାର କରିଥିବା ଆକଳନ ଅଭ୍ୟାସ / ପନ୍ଥା ଗୁଡ଼ିକୁ

ମନେପକାଅ ।

– ଉପରେ ସୂଚିତ ହୋଇଥିବା ପ୍ରତ୍ୟେକ ତିନୋଟି ବିନ୍ଦୁକୁ ପୂରଣ କରିବା ପାଇଁ ତୁମେ କିପରି ଏହି ଆକଳନକୁ ବ୍ୟବହାର କରିବ ? ନିମ୍ନରେ ଉତ୍ତରଟିକୁ ଲେଖ ।

..........................................................................................................

..........................................................................................................

..........................................................................................................

..........................................................................................................

### ୯.୩.୧ ଆକଳନର ନିଦାନାତ୍ମକ ଓ ମାର୍ଗଦର୍ଶକ ଉଦ୍ଦେଶ୍ୟ

'ଆକଳନ' ଶିକ୍ଷାଦାନ – ଶିକ୍ଷଣରେ ସମସ୍ୟା କ୍ଷେତ୍ର ଗୁଡ଼ିକୁ ନିରୂପଣ କରିବାରେ ଶିକ୍ଷକଙ୍କୁ ସାହାଯ୍ୟ କରେ ଯାହା ଭ୍ରାନ୍ତ ଧାରଣା, ବୋଧଶକ୍ତିର ଅଭାବ ବା ଶିକ୍ଷଣରେ ଶୂନ୍ୟତା ଆଦିକୁ ଅର୍ନ୍ତଭୁକ୍ତ କରିପାରେ । ଏହା ଆକଳନର ଗୋଟିଏ ଉଦ୍ଦେଶ୍ୟ ଅଟେ କିନ୍ତୁ ଶେଷ ନୁହେଁ । ଗୋଟିଏ ଭଲ ଆକଳନ ପ୍ରକ୍ରିୟା ନିରୂପଣରୁ ପ୍ରତିକାରକୁ ନିଶ୍ଚିତ ଯିବା ଆବଶ୍ୟକ । ଏହାର ଅର୍ଥ ଜଣେ ଶିକ୍ଷକ, ସହାୟକ ଓ ସହ ଶିକ୍ଷାର୍ଥୀ ଭାବରେ ଥରେ ତୁମେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବଳିଷ୍ଟ ଓ ଦୁର୍ବଳ କ୍ଷେତ୍ର ଗୁଡ଼ିକୁ ନିରୂପଣ କରିବାପରେ, ଅଧିକଉର ଶିକ୍ଷଣ ପାଇଁ ଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିବା ଏବେ ତୁମର ପ୍ରଚେଷ୍ଟା ହେବା ଉଚିତ୍ । ଆବଶ୍ୟକୀୟ ପ୍ରତିକାରମୂଳକ କାର୍ଯ୍ୟ ବିଷୟରେ ସଠିକ୍ ନିରୂପଣ ଶିକ୍ଷକଙ୍କୁ ମାର୍ଗଦର୍ଶନ ପ୍ରଦାନ କରେ । ତେଣୁ ମାର୍ଗଦର୍ଶନ ଆକଳନର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଅଟେ ।

ଜଣେ ଭଲ ଶିକ୍ଷକ ଉଭୟ ନିରୂପଣ ଓ ମାର୍ଗଦର୍ଶନ ଉଦ୍ଦେଶ୍ୟରେ ଆକଳନକୁ ବ୍ୟବହାର କରନ୍ତି । ଆକଳନ ଅନୁସରଣ କରି ସେ ତତ୍‌କ୍ଷଣାତ୍ ସଂଶୋଧନାତ୍ମକ କାର୍ଯ୍ୟ ହାତକୁ ନିଅନ୍ତି ଫଳରେ ଶିକ୍ଷଣ ଚାଲୁ ରହେ ଓ ଫଳପ୍ରଦ ତଥା ଦୃଢ ହୋଇଥାଏ ।

### ନିଜ ଅଗ୍ରଗତି ଆକଳନ – ୨

ତୁମ ଶ୍ରେଣୀର ପ୍ରସଙ୍ଗ 'ପରିବାର ଓ ସାଙ୍ଗ' ସହିତ ସଂପର୍କିତ ଥିବା ପରିବେଶ ଅଧ୍ୟୟନର ଗୋଟିଏ ଉଦ୍ଦେଶ୍ୟ ବିଷୟରେ ଚିନ୍ତାକର । ଏହି ପ୍ରସଙ୍ଗରେ ତୁମ ଦ୍ୱାରା କରାଯାଇଥିବା ଯେ କୌଣସି ଏକ ଆକଳନକୁ ମନେ ପକାଅ । ତୁମେ କୌଣସି ଶିକ୍ଷଣ ଶୂନ୍ୟତା ବା ଭ୍ରାନ୍ତ ଧାରଣାକୁ ଲକ୍ଷ୍ୟକରିଛ କି ? ତୁମର ପରବର୍ତ୍ତୀ ଶିକ୍ଷାଦାନକୁ ମାର୍ଗଦର୍ଶନ କରିବା ପାଇଁ ଆକଳନରୁ ପାଇଥିବା ପ୍ରତିପୃଷ୍ଟିକୁ ତୁମେ କିପରି ବ୍ୟବହାର କରିବ ?

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

ଟିପ୍ପଣୀ

### ୯.୩.୨ ଆକଳନ ମଧ୍ୟ ଶିକ୍ଷାଦାନ ବିଷୟରେ କହିଥାଏ

ଆକଳନ ମାଧ୍ୟମରେ ଆମେ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଉପରେ ପ୍ରତିପୁଷ୍ଟି ପାଇଥାଉ । ପରିବେଶ ଅଧ୍ୟୟନ ଶିକ୍ଷଣର କେଉଁ ଉଦ୍ଦେଶ୍ୟ ହାସଲ ହୋଇଛି ଓ କେତେ ପରିମାଣରେ, ତାହା ଆମେ ଜାଣିବାକୁ ପାଉ । ଆକଳନ ମଧ୍ୟ ଜଣେ ଶିକ୍ଷକ କିପରି ଶିକ୍ଷାଦାନ କରିଥାନ୍ତି ସେହି ବିଷୟରେ ଆମକୁ କହିଥାଏ । ନିମ୍ନୋକ୍ତ ରେଖାଚିତ୍ରଟିକୁ ଦେଖ । ପ୍ରତିପୁଷ୍ଟି କେବଳ ଯେ ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ ସଂପାଦନ ଉପରେ ଆଲୋକପାତ କରେ ତାହା ନୁହେଁ ବରଂ ଏହା ପରିବେଶ ଅଧ୍ୟୟନ ସହ ଶିକ୍ଷାଦାନ ମାଧ୍ୟମରେ ପ୍ରଦାନ କରାଯାଉଥିବା ଶିକ୍ଷଣ ଅଭିଜ୍ଞତାଗୁଡ଼ିକ ଉପରେ ଆଲୋକପାତ କରେ ତୁମେ ଏହା ଦେଖିପାରୁଛ କି ?

| ପରିବେଶ ଅଧ୍ୟୟନ ଉଦ୍ଦେଶ୍ୟସମୂହର ଉପଲବ୍ଧି | ପରିବେଶ ଅଧ୍ୟୟନ ଶିକ୍ଷାଦାନର ଉପାଦେୟତା |
|---|---|

ପରିବେଶ ଅଧ୍ୟୟନ ଉଦ୍ଦେଶ୍ୟ ସମୂହ → ପରିବେଶ ଅଧ୍ୟୟନ ଶିକ୍ଷାଦାନ → ଶିକ୍ଷାର୍ଥୀଙ୍କକାର୍ଯ୍ୟ ସଂପାଦନ →

ପରିବେଶ ଅଧ୍ୟୟନ ମୂଲ୍ୟବୋଧ — ଶିକ୍ଷଣ ଅଭିଜ୍ଞତା ସମୂହ — ଆକଳନ

ଆକଳନ / ପ୍ରତିପୁଷ୍ଟି ପ୍ରକ୍ରିୟା

---

### ୯.୪ ନିରନ୍ତର ଓ ସାମଗ୍ରୀ ମୂଲ୍ୟାୟନ

ଶିକ୍ଷଣ ଏକ ନିରନ୍ତର ପ୍ରକ୍ରିୟା, ସେହି ଦୃଷ୍ଟିରୁ ଶିକ୍ଷଣର ଆକଳନ ହେବା ଉଚିତ । ଶିକ୍ଷଣରେ ଶୂନ୍ୟତା ଓ ଅସୁବିଧା ଗୁଡ଼ିକୁ ନିରୂପଣ କରିବାରେ ଆକଳନ ଶିକ୍ଷକଙ୍କୁ ସାହାଯ୍ୟ କରେ । ଦୃଷ୍ଟିଗୋଚର ହେବା ମାତ୍ରେ ଯଦି ଏଗୁଡ଼ିକୁ ଧ୍ୟାନ ଦିଆଯାଏ ତେବେ ଶିକ୍ଷଣ ପ୍ରକ୍ରିୟାକୁ ଦକ୍ଷ ଓ ଫଳପ୍ରଦ କରିବା ନିମିତ୍ତ ଶ୍ରେଣୀ ଆକଳନକୁ ତ୍ୱରାନ୍ୱିତ କରାଯିବା ଉଚିତ । ତେଣୁ ଉତ୍ତମ ଆକଳନ ପ୍ରକ୍ରିୟା ଧାରାବାହିକ ହେବା ଉଚିତ୍ ।




ଚିତ୍ର : ଦୁଇଜଣ ଝିଅ ନୂଆ ପରିବେଶ ଅଧ୍ୟୟନ ଶିକ୍ଷକଙ୍କୁ ଭେଟିବା ଆଶାରେ ବିଦ୍ୟାଳୟକୁ ସାଇକେଲ ଚଳାଇ ଯାଉଛନ୍ତି ।

ଭାଗ ୧ରୁ ତୁମେ ମନେ ପକାଇପାର ଯେ ପରିବେଶ ଅଧ୍ୟୟନ ଏକ ସମ୍ମିଶିତ କ୍ଷେତ୍ରର ଅଧ୍ୟୟନ ଅଟେ । ତେଣୁ ପରିବେଶ ଅଧ୍ୟୟନ ଶିକ୍ଷଣ, ଶିକ୍ଷଣ ନିମିତ୍ତ ଏବଂ ସାମଗ୍ରିକପନ୍ଥା ଅନୁସରଣ କରେ । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଶ୍ଳେଷଣାତ୍ମକ କୌଶଳ / ଦକ୍ଷତା ଓ ନିର୍ଣ୍ଣାୟକ ଚିନ୍ତନ ସାମର୍ଥ୍ୟ ପ୍ରୋତ୍ସାହିତ କରିବା ନିମିତ୍ତ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ଉଦ୍ଦିଷ୍ଟ । ସାକାରାତ୍ମକ ମନୋବୃତ୍ତି ଓ ମୂଲ୍ୟବୋଧର ସ୍ପଷ୍ଟତା ନିମିତ୍ତ ଏହା ଏକ ପ୍ରକ୍ରିୟା ମଧ୍ୟ । ଏହା ଏକ ପ୍ରକ୍ରିୟା ଯାହା ପିଲାଟିକୁ ଏକ ନାଗରୀକରେ ବିକଶିତ କରେ ଯିଏ ପ୍ରାକୃତିକ ସହ ସାମାଜିକ ପରିବେଶରେ ବିଭିନ୍ନତା ପ୍ରତି ସହାନୁଭୂତିଶୀଳ ଓ ସମ୍ବେଦନଶୀଳ ଅଟନ୍ତି ।

ତେଣୁ ପରିବେଶ ଅଧ୍ୟୟନରେ ଶିକ୍ଷଣର ଆକଳନ ଦାବି କରେ ଯେ ଆକଳନ ପ୍ରକ୍ରିୟା ସାମଗ୍ରିକ ଅଟେ । ଆକଳନ ନିଜ ଦ୍ୱାରା, ସହପାଠୀ, ଶିକ୍ଷକ, ପିତାମାତା ବା ବେଳେବେଳେ ଅନ୍ୟ ବିଦ୍ୟାଳୟର ଶିକ୍ଷକମାନଙ୍କ ଦ୍ୱାରା କରାଯିବା ଉଚିତ୍ । ଏହା ପିଲାର ବିକାଶର ଏକ ସାମଗ୍ରୀକ ଚିତ୍ର ସୃଷ୍ଟି କରିବାରେ ସାହାଯ୍ୟ କରେ । ପରିବେଶ ଅଧ୍ୟୟନ ଉଦ୍ଦେଶ୍ୟ ହାସଲ ନିମିତ୍ତ ଶିକ୍ଷାର୍ଥୀମାନେ ମସ୍ତିଷ୍କ, ହସ୍ତ ଓ ହୃଦୟର ବିନିଯୋଗ କରିବା ଦରକାର । ତେଣୁ ଶିକ୍ଷକ ସମସ୍ତ ପାଞ୍ଚୋଟି ଇନ୍ଦ୍ରିୟର ବିନିଯୋଗ ଯୁକ୍ତିଯୁକ୍ତ ଚିନ୍ତନ ସୃଜନଶୀଳ ଚିନ୍ତନ ସହିତ ସେମାନଙ୍କର ଅନୁଭବର ବିକାଶ ଓ ପ୍ରକାଶ ପାଇଁ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ପ୍ରଦାନ କରିବା ଉଚିତ୍ । ଫଳସ୍ୱରୂପ ସମସ୍ତ ପାଞ୍ଚୋଟି ଇନ୍ଦ୍ରିୟ, ଯୁକ୍ତିଯୁକ୍ତ ଚିନ୍ତନ, କଳ୍ପନା ଓ ଅନୁଭବ ମାଧ୍ୟମରେ ସଂଗଠିତ ହେଉଥିବା ଶିକ୍ଷଣ ଉପରେ ଆକଳନ ଆଧାରିତ ହେବା ଉଚିତ ।

ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆକଳନ କରିବା ନିମିତ୍ତ ଶିକ୍ଷକ ମୌଖିକ, ଲିଖିତ ଓ କାର୍ଯ୍ୟ ସଂପାଦନ ମାଧ୍ୟମ ବିନିଯୋଗ କରିପାରନ୍ତି । ବେଳେବେଳେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ବ୍ୟକ୍ତିଗତ ଭାବେ ଆକଳନ କରିବା ସେ ଦରକାର କରିପାରନ୍ତି, କିନ୍ତୁ ଅନ୍ୟ ସମୟରେ ଦଳଗତ ଆକଳନ ବା ସମଗ୍ର ଶ୍ରେଣୀକୁ ଏକତ୍ର ଭାବେ ଆକଳନ କରିପାରନ୍ତି । ଶିକ୍ଷକ କୌଣସି ଗୋଟିଏ ଆକଳନ ଉପରେ ଅତ୍ୟଧିକ ଗୁରୁତ୍ୱ ଆରୋପ କରିବା ଉଚିତ୍ ନୁହେଁ ତାହା ଲିଖିତ, ମୌଖିକ ବା ଶିକ୍ଷଣ କାର୍ଯ୍ୟଭିତ୍ତିକ ହୋଇପାରେ ।

ଆସ ପ୍ରସଙ୍ଗ 'ଖାଦ୍ୟ'ର ଉଦାହରଣ ନେବା ।

୧. ପ୍ରାଣୀମାନଙ୍କ ଦ୍ୱାରା ଖିଆଯାଉଥିବା ଖାଦ୍ୟ ଉପରେ ଦଳଗତ ଆଲୋଚନା

୨. ଖାଦ୍ୟଦ୍ରବ୍ୟର ସ୍ୱାଦ ସହିତ ତାହାକୁ ମେଳ କରିବା

୩. କେବଳ ଶୁଙ୍ଘିବା ମାଧ୍ୟମରେ ଖାଦ୍ୟଦ୍ରବ୍ୟକୁ ଚିହ୍ନଟ କରିବା

୪. ଫଳ ଓ ପରିବାପତ୍ର ଗୁଡ଼ିକୁ କେବଳ ଛୁଇଁକରି ଚିହ୍ନଟ କରିବା

୫. ବିଭିନ୍ନ ଖାଦ୍ୟ ଦ୍ରବ୍ୟକୁ ଖାଇବାବେଳେ ଏହା ସୃଷ୍ଟି କରୁଥିବା ଶବ୍ଦକୁ ଶୁଣିବା ଯଥା ମସକା ଓ ନରମ ।

୬. ଆଖିକୁ ସୁନ୍ଦର ଦେଖାଯାଉଥିବା ଭଳି ଗୋଟିଏ ପ୍ଲେଟରେ ଖାଦ୍ୟଦ୍ରବ୍ୟ ସବୁକୁ ସଜାଇବା

୭. କ୍ଷୀରରୁ ଦହି ପ୍ରସ୍ତୁତିରେ ପରିବର୍ତ୍ତନରେ ଚେଷ୍ଟା କରିବା

୮. ତୁମ ମଧ୍ୟାହ୍ନ ଭୋଜନ ଖାଦ୍ୟ ବାକ୍ସରୁ ତୁମକୁ ଖାଇବାକୁ ଭଲ ଲାଗୁଥିବା ଗୋଟିଏ ଖାଦ୍ୟଦ୍ରବ୍ୟ ଓ ତୁମସାଙ୍ଗ ବାକ୍ସରୁ ଆଉ ଗୋଟିଏ ନାମ କହିବା

୯. ତୁମ ସାଙ୍ଗ ଓ ପରିବାରର ସଦସ୍ୟମାନଙ୍କୁ ଭଲଲାଗୁଥିବା ଖାଦ୍ୟଦ୍ୱବ୍ୟର ତାଲିକା କରିବା

RTE ୨୦୦୯ ପରିପ୍ରେକ୍ଷୀରେ ନିରନ୍ତର ଓ ସାମଗ୍ରୀକ ମୂଲ୍ୟାୟନ ଅର୍ଥ ବର୍ଷଶେଷରେ ଗୋଟିଏ ପରୀକ୍ଷା ମାଧ୍ୟମରେ ପରୀକ୍ଷିତ ହେବା ପରିବର୍ତ୍ତେ ଶିକ୍ଷାର୍ଥୀମାନଙ୍କର ବର୍ଷସାରା ମୂଲ୍ୟାୟନ ହେବ ।

ଟିପ୍ପଣୀ

ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସଫଳତା ଅନୁଭବ କରିବା ଓ ଶିକ୍ଷଣକୁ ଉପଭୋଗ କରିବାର ସୁଯୋଗ ଦେବା ସମ୍ଭବ ହେବ । ଶିକ୍ଷାର୍ଥୀ ସିଦ୍ଧହସ୍ତ ଥିବା ବିବିଧ ସାମର୍ଥ୍ୟଗୁଡିକୁ ଖୋଜ ଓ ବିଭିନ୍ନ ପ୍ରକାର ଅନୌପଚାରିକ ଆକଳନଗୁଡିକ ମାଧ୍ୟମରେ ଶିକ୍ଷଣ ଶୂନ୍ୟତାଗୁଡିକୁ ପୂରଣ କରିବା ନିମିତ୍ତ ତା'କୁ ସହାୟତା ପ୍ରଦାନ କର । (ପାଠ ୩ର ଏକକ ୧୩ ଓ ୧୬ରେ ତୁମେ ପୂର୍ବରୁ ପଢିଥିବା ନିରନ୍ତର ଓ ସାମଗ୍ରୀକ ମୂଲ୍ୟାୟନର ବିଭାଗକୁ ସୂଚିତ କର)

ନିରନ୍ତର ଓ ସାମଗ୍ରୀକ ମୂଲ୍ୟାୟନକୁ କାର୍ଯ୍ୟକାରୀ କରିବାପାଇଁ , ଭଲ ଆକଳନ ନିମିତ୍ତ ଯାହା ଆବଶ୍ୟକ ଶିକ୍ଷକ ସେ ବିଷୟରେ ସଚେତନ ହେବା ଦରକାର ।

## ୯.୫ ଆକଳନର ପ୍ରକାର: ଔପଚାରିକ ଓ ଅନୌପଚାରିକ

ଆସ ନିମ୍ନ ଉଦାହରଣ ଗୁଡିକୁ ଦେଖିବା –

– ଗୋଟିଏ ପକ୍ଷୀର ବ୍ୟବହାର ସଂପର୍କରେ ଜଣେ ଶିକ୍ଷାର୍ଥୀର ଲିଖିତ ଉତ୍ତରକୁ ଜଣେ ଶିକ୍ଷକ ସଂଶୋଧନ କରିବା ।

– ସେହି ଶିକ୍ଷକ ବର୍ତ୍ତମାନ ଦୁଇଜଣ ଶିକ୍ଷାର୍ଥୀଙ୍କ ମଧ୍ୟରେ ହେଉଥିବା କଥୋପକଥନକୁ ଶୁଣୁଛନ୍ତି ଯେଉଁଠି ସେମାନଙ୍କ ଭିତରୁ ଜଣେ ତାଙ୍କ କକାଙ୍କ ଫାର୍ମରେ ଦେଖିଥିବା ପକ୍ଷୀ ବିଷୟରେ ବର୍ଣ୍ଣନା କରୁଛନ୍ତି ।

ଯଥାକ୍ରମେ ଔପଚାରିକ ଓ ଅନୌପଚାରିକ ଭଳି ଜଣେ ଶିକ୍ଷକଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ବିଭିନ୍ନ ପ୍ରକାର ଆକଳନର ଉପରୋକ୍ତ ଉଦାହରଣ ବର୍ଣ୍ଣନା କରିଥାଏ । ମୌଖିକ ଓ ଲିଖିତ ପରୀକ୍ଷଣ ଭଳି ଯୋଜନାବଦ୍ଧ ଆକଳନ ସମୟରେ ଶିକ୍ଷାର୍ଥୀମାନେ ପରିକ୍ଷିତ ହେଉଥିବା କଥା ସୂଚିତ କରାଯାଇଥାଏ । ଅନୌପଚାରିକ ଆକଳନ ପ୍ରାରମ୍ଭିକ ଅନୌପଚାରିକ ସ୍ଥିତିରେ ହୋଇଥାଏ ଏବଂ ଶିକ୍ଷାର୍ଥୀମାନଙ୍କୁ ଆକଳନ କରାଯାଉଛି ବୋଲି ସେମାନଙ୍କୁ କୁହାଯାଏ ନାହିଁ । ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀରେ, ଖେଳପଡିଆରେ, ପରିଦର୍ଶନ ସମୟରେ, ପର୍ଯ୍ୟବେକ୍ଷଣ କରିବା, ଶିକ୍ଷାର୍ଥୀମାନଙ୍କର ଆଖିଦୃଷ୍ଟିଆ ବ୍ୟବହାରକୁ ଖୋଜିବା, ଓ ଏହାକୁ ଲିପିବଦ୍ଧ କରିବା ଆଦି କେତେକ ଅନୌପଚାରିକ ଆକଳନ ଅଟେ ।

ଶିକ୍ଷାର୍ଥୀଙ୍କ ଅଗ୍ରଗତିକୁ ବୁଝିବାରେ ଉଭୟ ଔପଚାରିକ ଓ ଅନୌପଚାରିକ ଆକଳନ ଶିକ୍ଷକଙ୍କୁ ସାହାଯ୍ୟ କରେ । ଆକଳନର ପ୍ରକାର ନିର୍ବିଶେଷରେ ଶିକ୍ଷକଙ୍କ ପାଇଁ ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ ଓ ଆକଳନ ପ୍ରକ୍ରିୟାର ଅନ୍ତର୍ନିହିତ ମୂଲ୍ୟବୋଧ ବିଷୟରେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ ।

### ୯.୫. ୧. ଆକଳନ: ଗଠନମୂଳକ ଓ ସମାପ୍ତିସୂଚକ

ଚାଲ ଆମେ ପରିବେଶ ଅଧ୍ୟୟନ ଉଦ୍ଦେଶ୍ୟ "ସମସ୍ତ ସଜୀବ ପ୍ରାଣୀମାନଙ୍କ ମଧ୍ୟରେ ନିବିଡ ସଂପର୍କକୁ ଅନୁଭବ କରିବା" ଉପରେ ଆଧାରିତ ଦୁଇଟି ନମୁନା ଆକଳନକୁ ବିଚାର କରିବା । ଏହା ମଧ୍ୟ ବିଭିନ୍ନ ସଜୀବ ପ୍ରାଣୀ, ପ୍ରାଣୀମାନଙ୍କ ପ୍ରତି ସମ୍ବେଦନଶୀଳ ହେବାର ମୂଲ୍ୟବୋଧ ସହ ସଂପର୍କିତ ।

୧. ଜଣେ ଶିକ୍ଷକ ତାଙ୍କ ଛାତ୍ରଛାତ୍ରୀମାନଙ୍କ ସହ ବାହାରକୁ ବୁଲିବାକୁ ଯାଇଥିଲେ । ଗୋଟିଏ ସପ୍ତାହ ପୂର୍ବରୁ ସେ ନିଜ ଶ୍ରେଣୀରେ ପ୍ରକୃତିରେ କିଟପତଙ୍ଗ ମାନଙ୍କଦ୍ୱାରା ନିର୍ବାହ ହେଉଥିବା ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ବୁଲିବା ସମୟରେ ସେ ଦେଖିଲେ ତାଙ୍କ ଶ୍ରେଣୀର ବାଳକ ଗୋଟିଏ ମହୁମାଛିକୁ ମାରିଦେଲା । ସେ ତା ସହିତ କଥାହେଲେ ଏବଂ ଜାଣିବାକୁ ପାଇଲେ ଯେ ସେ ମହୁମାଛିକୁ ଭୟ କରୁଥିଲେ । ସେ ପୁଣିଥରେ ତାକୁ ମନେ ପକାଇ ଦେଲେ ଯେ ମହୁମାଛି କିପରି ପରାଗ ସଙ୍ଗମରେ ସାହାଯ୍ୟ କରେ । ତାପରେ, ସେ ଗୋଟିଏ ବାର୍ତ୍ତା ଦେବା ପାଇଁ ଶ୍ରେଣୀରେ ଅଭିନୟର ବ୍ୟବସ୍ଥା

ଟିପ୍ପଣୀ

କହିଥିଲେ ଯେ ଆମମାନଙ୍କ ଭଳି ସମସ୍ତ ସଜୀବମାନଙ୍କର ବଞ୍ଚିବାର ଅଧିକାର ଅଛି ।

ସମୟ ଭିତ୍ତିକ ଆକଳନ ଶିକ୍ଷକଙ୍କୁ ପିଲାଟିର ଶିକ୍ଷଣରେ ଥିବା ଶୂନ୍ୟତା ସମ୍ପର୍କରେ ପ୍ରତିପୁଷ୍ଟି ପ୍ରଦାନ କରିଥାଏ । ଏହା ଗଠନମୂଳକ ଆକଳନର ଗୋଟିଏ ଉଦାହରଣ ।

ଶିକ୍ଷକ, ଶିକ୍ଷଣରେ ଥିବା ପ୍ରତିବନ୍ଧକ ଗୁଡିକୁ ଦୂର କରିବା ପାଇଁ ତତ୍‌କ୍ଷଣାତ ପ୍ରତିକାରମୂଳକ ପଦକ୍ଷେପ ନିଅନ୍ତି । ତେଣୁ ଗଠନମୂଳକ ମୂଲ୍ୟାୟ, ଶିକ୍ଷଣର ପ୍ରତିବନ୍ଧକ ଗୁଡ଼ିକୁ ନିରୂପଣ କରିବାରେ ଶିକ୍ଷକଙ୍କୁ ସାହାଯ୍ୟ କରେ ଏବଂ ସେଠାରେ ଏକ ସଂଶୋଧନାତ୍ମକ କାର୍ଯ୍ୟ ଗ୍ରହଣ କରିବାରେ ଶିକ୍ଷକଙ୍କୁ ସାହାଯ୍ୟ କରେ ।

୨. ଏହି ଦୃଷ୍ଟାନ୍ତଟି ପରିବେଶ ଅଧ୍ୟୟନର ଗୋଟିଏ ଅଧ୍ୟାୟ ଶେଷର ପରୀକ୍ଷଣ ସମ୍ପର୍କିତ ଅଟେ । ମଣିଷ, ଉଦ୍ଭିଦ, କୀଟପତଙ୍ଗ ଏବଂ ଅନ୍ୟପଶୁମାନଙ୍କ ମଧ୍ୟରେ ନିବିଡ ସମ୍ପର୍କକୁ ଶିକ୍ଷାର୍ଥୀମାନେ କେତେ ଭଲ ଭାବରେ  ବୁଝିଛନ୍ତି ତାହା ଜାଣିବା ପାଇଁ ଶିକ୍ଷକ ଗୋଟିଏ ଲିଖିତ ପ୍ରଶ୍ନ ପଚାରିଲେ  । ଏହି ଲିଖିତ ପରୀକ୍ଷଣ ଶିକ୍ଷକ ମଧ ଦଳଗତ ଆଲୋଚନ କଲେ । ଯାହା ତାଙ୍କୁ ସମାପ୍ତ ସୂଚକ ଆକଳନରେ ସାହାଯ୍ୟ କଲା ।

ପରିବେଶ ଅଧ୍ୟୟନ  ପ୍ରସଙ୍ଗ "ଆମ ପରିବାର ଓ ବନ୍ଧୁ "ର ଶିକ୍ଷାଦାନ ଶେଷରେ ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ ସମ୍ପାଦନର ଆକଳନ ଠିକ୍ ଭାବେ ଶିକ୍ଷାର୍ଥୀଙ୍କ ସଂଖ୍ୟା ଓ ଦାମ୍ ଜାଣିବାକୁ ଶିକ୍ଷକଙ୍କୁ ସାହାଯ୍ୟ କଲା । ଯେଉଁମାନେ ମନୋବୃତ୍ତି ଓ ମୂଲ୍ୟବୋଧ ଭଳି  ପରିବେଶ ଅଧ୍ୟୟନର ଗୁରୁତ୍ୱପୂର୍ଣ୍ଣ ଧାରଣା ବୁଝିବାରେ ପଛରେ ରହିଯାଇଥିଲେ ଏହି ସମାପ୍ତି ସୂଚକ ଆକଳନ ଶିକ୍ଷାର୍ଥୀମାନଙ୍କର ଜ୍ଞାନ  ଓ ବୋଧରେ ଥିବା ମୁଖ୍ୟ ଶୂନ୍ୟତାଗୁଡିକୁ ନିରୂପଣ କରିବାରେ ଶିକ୍ଷକଙ୍କୁ ସାହାଯ୍ୟ କଲା । ଶିକ୍ଷକ ଜାଣିବାକୁ ପାଇଲେ ଯେ ୪୦ ଜଣ ଶିକ୍ଷାର୍ଥୀଙ୍କ ମଧ୍ୟରୁ ଯେତେବେଳେ ସମସ୍ତେ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କର ଗୁରୁତ୍ୱକୁ ବୁଝିପାରିଛନ୍ତି, ୧୪ଜଣ ମନୁଷ୍ୟ ଓ ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ବୁଝିପାରିବାରେ ସକ୍ଷମ ହୋଇପାରିଲେ ନାହିଁ । ଏହାକୁ ଅନୁଭବ କରି ଶିକ୍ଷକ ତାଙ୍କ ଶିକ୍ଷାର୍ଥୀମାନଙ୍କ ପାଇଁ ଗୋଟିଏ କଥୋପକଥନ ଜଣେ ପ୍ରକୃତିପ୍ରେମୀ ଦ୍ୱାରା ଆୟୋଜକ କଲେ ।

**ନିଜ ଅଗ୍ରଗତି ଆକଳନ - ୩**

ଉପରୋକ୍ତ ସ୍ଥାନିତ ଦୃଶ୍ୟପଟ୍ଟରେ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ କିପରି ପ୍ରଭାବିତ ହେବ ଯଦି (କ) ଶିକ୍ଷକ ସମାପ୍ତିସୂଚକ ଆକଳନ କଲେ ନାହିଁ ? (ଖ) ଶିକ୍ଷାର୍ଥୀଙ୍କ ବୋଧଗମ୍ୟ ଓ ଏଥିରେ ଥିବା ଶିକ୍ଷଣ ଶୂନ୍ୟତାକୁ ଅନୁଭବ କରିବାକୁ ଶିକ୍ଷକ ଫଳାଫଳକୁ ବାଖ୍ୟା କଲେ ନାହିଁ? ଶିକ୍ଷଣ କିପରି ପ୍ରଭାବିତ ହେବ ଯଦି ସଂଶୋଧନାତ୍ମକ କାର୍ଯ୍ୟ ଆଦୌ ନିଆ ନ ଯାଏ ଏବଂ ତତ୍‌କ୍ଷଣାତ୍ ନିଆ ନଯାଏ ?

ଉଭୟ ଔପଚାରିକ ଓ ଅନୌପଚାରିକ ଆକଳନ ଅତ୍ୟାବଶ୍ୟକ ଓ ଶ୍ରେଣୀରେ ଶିକ୍ଷାର୍ଥୀଙ୍କ ଅଗ୍ରଗତି ଓ ସୁବିଧାଗୁଡିକୁ ବୁଝିବା ନିମିତ୍ତ ଶିକ୍ଷକଙ୍କୁ ସାହାଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

..............................................................................................................

..............................................................................................................

..............................................................................................................

..............................................................................................................

..............................................................................................................

ଟିପ୍ପଣୀ

## ୯.୬ ଗୋଟିଏ ଆକଳନକୁ କ'ଣ ସବୁ ଭଲ କରିଥାଏ

କେତେବେଳେ ଗୋଟିଏ ଆକଳନ ପ୍ରକ୍ରିୟା ଭଲ ହୋଇଛି ବୋଲି ଆମେ କହିଥାଉ ? ଆମେ କହିପାରିବା ଯେ ଗୋଟିଏ ଆକଳନ କେବଳ ଭଲ ଓ ଫଳପ୍ରଦ ହେବ ଯେତେବେଳେ ତାହା ବୈଧ, ବିଶ୍ୱାସ ଯୋଗ୍ୟ, ନ୍ୟାୟସଂଗତ ଓ ନମନୀୟ ହୋଇଥିବ । ଏହି ଗୁଡ଼ିକ ଗୋଟିଏ ଭଲ ଆକଳନର ଚାରିଟି ମୁଖ୍ୟ ବୈଶିଷ୍ଟ୍ୟ ଅଟେ ।

- ଏକ ବୈଧ ଆକଳନ ହେଉଛି ଯାହା ପରିବେଶ ଅଧ୍ୟୟନ ଉଦ୍ଦେଶ୍ୟ ଓ ପ୍ରଦାନ କରାଯାଇଥିବା ଅଭିଜ୍ଞତା ଗୁଡ଼ିକ ସହ ପ୍ରାସଙ୍ଗିକ । ଶିକ୍ଷଣ ଅତ୍ୟାବଶ୍ୟକ କୌଶଳ ଓ ଜ୍ଞାନ ଏବଂ ଦକ୍ଷତାର ଦିଗ ଗୁଡ଼ିକ ସହ ଅତି ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବୋଧ ଗୁଡ଼ିକୁ ବଣ୍ଟନା କରିଥାଏ ।
- ବିଶ୍ୱାସଯୋଗ୍ୟ ଆକଳନ ଗୋଟିଏ ପ୍ରକାରର ଫଳାଫଳ ପ୍ରଦାନ କରିଥାଏ ଯେତେବେଳେ ବିଭିନ୍ନ ଶିକ୍ଷକ ଏକ ଶ୍ରେଣୀବଦ୍ଧ ପରିସ୍ଥିତିରେ ପ୍ରୟୋଗ କରିଥାଆନ୍ତି । ଯଥା: 'ସ୍ତମ୍ଭ ମିଳନ' ଭଳି ବସ୍ତୁନିଷ୍ଠ ଆକଳନ ରଚନା ଲିଖନ ଭଳି ବର୍ଣ୍ଣନାତ୍ମକ ଆକଳନ ଠାରୁ ଅଧିକ ବିଶ୍ୱାସଯୋଗ୍ୟ ଅଟେ ।
- ନ୍ୟାୟ ସଂଗତ ଆକଳନ କୌଣସି ଶିକ୍ଷାର୍ଥୀର କିଛି ଅପକାର କରେ ନାହିଁ ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀର ବ୍ୟକ୍ତିତ୍ୱ ଓ ଆକଳନ କରାଯାଇଥିବା ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ପସନ୍ଦକୁ ବିଚାରକୁ ନିଏ ।
- ନମନୀୟ ଆକଳନ ସାଧନୀ ଓ ପ୍ରକ୍ରିୟା ସମୂହ ଗୋଟିଏ ଶ୍ରେଣୀବଦ୍ଧ ଶିକ୍ଷାଦାନ ଶିକ୍ଷଣରେ ଏକ ଆକଳନକୁ ଉପଯୁକ୍ତ ପ୍ରାସଙ୍ଗିକ କରିଥାଏ ।

ଅଧିକନ୍ତୁ ଏକ ଭଲ ଆକଳନ ଶିକ୍ଷାର୍ଥୀ ପରିବର୍ତ୍ତେ ଶିକ୍ଷଣକୁ ସମାଲୋଚନା କରିବାରେ ଲକ୍ଷ୍ୟ ରଖିଥାଏ । କେବଳ ଫଳାଫଳ ଉପରେ ଗୁରୁତ୍ୱ ନଦେଇ ଏହା ଶିକ୍ଷାଦାନ - ଶିକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ୍ । ତେଣୁ ଏକ ଭଲ ଆକଳନ ପ୍ରକ୍ରିୟା ଶିକ୍ଷଣ କୈନ୍ଦ୍ରିକ ହେବା ଉଚିତ୍ ।

## ୯.୭ ଶିକ୍ଷଣ-କୈନ୍ଦ୍ରିକ ଆକଳନ

ବର୍ତ୍ତମାନ ସୁଧା ବିଭିନ୍ନ ଉପାୟରେ ଆକଳନ "ଶିକ୍ଷଣ କୈନ୍ଦ୍ରିକ "ହେବା ବିଷୟରେ ଆମ୍ଭେମାନେ କଥା ହେଉଛେ । ଏହାର ଅର୍ଥ ହେଉଛି ଯେ, ଜଣେ ଶିକ୍ଷକ ଶିକ୍ଷଣ ଉପରେ ଗୁରୁତ୍ୱ ସହ ଆକଳନର ବ୍ୟବହାର ଆବଶ୍ୟକ କରେ । ଏହାକୁ ଅଭ୍ୟାସଗତ କରିବା ପାଇଁ ଶିକ୍ଷକ ଆକଳନର ବିଭିନ୍ନ ଉପାୟ ବ୍ୟବହାର କରିପାରିବେ । ତୁମେ ମୌଖିକ, ଲିଖିତ ଓ କାର୍ଯ୍ୟ ସଂପାଦନ ଡାଞ୍ଚା ବିଷୟରେ ଆଗରୁ ଜାଣିସାରିଛ । ଆକଳନର ଅନ୍ୟ କେତେକ ଉପାୟ ଗୁଡ଼ିକ ହେଇପାରେ ଯଥା :

- ସ୍ୱ-ଆକଳନ
- ସହପାଠୀ ଆକଳନ
- ସଞ୍ଚୟୀ ଘଟଣାବଳୀ ବିବରଣୀ ପତ୍ର
- ପ୍ରକଳ୍ପ ମାଧ୍ୟମରେ ଆକଳନ
- ଅଂଶଗ୍ରହଣର ପରିସର ଓ ଗୁଣାତ୍ମକତା

ଟିପ୍ପଣୀ

### ୯.୭.୧ ସ୍ୱ-ଆକଳନ ଓ ସହପାଠୀ ଆକଳନ

ଆକଳନର ବିଭିନ୍ନ ଉପାୟ/ଢାଞ୍ଚାମାନ ରହିଛି ଯାହା ଗୋଟିଏ ପିଲା ଶିଖିଛି । ବେଳେବେଳେ ଶିକ୍ଷାର୍ଥୀ ନିଜେ ଏବଂ ନିଜର ସହପାଠୀ ଶିକ୍ଷଣକୁ ଆକଳନ କରିବା ଆବଶ୍ୟକ କରନ୍ତି ଏବଂ ଶିକ୍ଷକ ଏହାକୁ ଶିକ୍ଷଣ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଅଂଶ ରୂପେ ପ୍ରସ୍ତୁତ କରିବା ଉଚିତ୍ । ମାଥ୍ୟୁ ସାର୍ ସମସ୍ତ ପିଲାଙ୍କୁ ଶ୍ରେଣୀ ଉପସ୍ଥାପନ ସମୟରେ ପର୍ଯ୍ୟବେକ୍ଷଣ କରିଥିବା ଗୋଟିଏ ପଶୁ କିମ୍ବା ପକ୍ଷୀ ବିଷୟରେ ବର୍ଣ୍ଣନା କରିବା ପାଇଁ କହିଲେ । ଏହାପରେ ସେ ପ୍ରତ୍ୟେକ ପିଲାଙ୍କୁ ଦୁଇଟି ଭଲ ଜିନିଷ ଏବଂ ସେମାନଙ୍କ ଉପସ୍ଥାପନାର ଦିଗ ଯାହା ଅଭିବୃଦ୍ଧି ଆବଶ୍ୟକ କରେ ତାହାର ତାଲିକା କରିବା ପାଇଁ କହିଲେ ।

ଏହା ସ୍ୱ-ଆକଳନର ଏକ ପ୍ରକାରଭେଦ ଥିଲା । ବିଭିନ୍ନ ପ୍ରସଙ୍ଗ ପାଇଁ ଗୋଟିଏ ମାସ ନିମିତ୍ତ ପ୍ରତ୍ୟେକ ସପ୍ତାହରେ ସେ ସ୍ୱ-ଆକଳନ ଜାରି ରଖିଲେ । ଯେଉଁଠାରେ ଜଣେ ଅଭିବୃଦ୍ଧି ଅକଶ୍ୟକ କରୁଥିଲା ସେହି କ୍ଷେତ୍ରରେ କ୍ରମିକ ଅଭିବୃଦ୍ଧିକୁ ଧ୍ୟାନ ଦେବାକୁ ସେ ଶିକ୍ଷାର୍ଥୀମାନଙ୍କୁ କହିଲେ । ତୁମେ ତୁମ ଶ୍ରେଣୀରେ ଏହାକୁ ଚେଷ୍ଟା କାରିବାକୁ ଚାହିଁବ କି ? ଏଭଳି ସ୍ୱ-ଆକଳନର କ'ଣ ଲାଭ ମିଳିବ ?

ଯେତେବେଳେ ଗୋଟିଏ ପିଲା ନିଜ ସାଙ୍ଗ ଦ୍ୱାରା ଅଙ୍କନ କରାଯାଇଥିବା ବିଦ୍ୟାଳୟ ପରିସରର ମାନଚିତ୍ରକୁ ପ୍ରଶଂସା କରେ ଏହା ସହପାଠୀ ଆକଳନ ଅଟେ । ଶିକ୍ଷକ ପ୍ରତ୍ୟେକ ପିଲାକୁ ତା ନିଜ ପାଖରେ ବସୁଥିବା ସହପାଠୀର ଗୋଟିଏ ସ୍ୱତନ୍ତ୍ର ଦକ୍ଷତାକୁ ପ୍ରଶଂସା କରିପାରିବେ ଓ ଏହାକୁ ସହପାଠୀ ଆକଳନ ଭାବେ ଲିପିବଦ୍ଧ କରିପାରିବେ ।

ବିଭିନ୍ନ ପ୍ରକାର ସ୍ୱ-ଆକଳନ ଓ ସହପାଠୀ ଆକଳନ ସାମଗ୍ରିକ ଆକଳନ ପ୍ରକ୍ରିୟା ସହିତ ମୂଲ୍ୟଯୁକ୍ତ କରିପାରିବ । ସ୍ୱ-ଆକଳନ ଓ ସହପାଠୀ ଆକଳନ ପିଲାଟିକୁ ନିଜ ବିଷୟରେ ଉତ୍ତମ ଅନୁଭବ କରାଏ । ଆତ୍ମସମ୍ମାନ ବୋଧ ସୃଷ୍ଟି କରିବାରେ ଏହା ଶିକ୍ଷାର୍ଥୀକୁ ସାହାଯ୍ୟ କରିପାରିବ । ସହଭାଗୀ ଶିକ୍ଷଣ ସମୟରେ ଦଳର ସଦସ୍ୟମାନଙ୍କୁ ଅନ୍ୟ ସଦସ୍ୟମାନଙ୍କର ସକରାତ୍ମକ ସାମାଜିକ ବ୍ୟବହାର ଯଥା:- ସାହାଯ୍ୟ କରିବା ଓ ଉତ୍ସାହିତ କରିବା ଇତ୍ୟାଦିର ମୂଲ୍ୟାୟନ କରିବାକୁ କୁହାଯାଏ । ଏକ ସତର୍କ ସୂଚନା ପ୍ରତି ଶିକ୍ଷକ ଯତ୍ନଶୀଳ ହେବା ଆବଶ୍ୟକ ଯେପରି ସ୍ୱ ଓ ସହପାଠୀ ଆକଳନ କୌଣସି ପିଲାପାଇଁ ଅତ୍ୟଧିକ ପ୍ରଶଂସା ବା ଅନୁଚିତ ସମାଲୋଚନାର ସାଧନୀ ନହୁଏ ।

**ସୋସିଓମେଟ୍ରି:**

ଜ୍ୟାକବ୍ ମୋରେନ୍(୧୮୮୭ - ୧୯୭୪)ଙ୍କ ଦ୍ୱାରା ବିକଶିତ ହୋଇଥିବା ସୋସିଓମେଟ୍ରିର ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କ ମଧ୍ୟରେ ଅଧିକତର ସ୍ତରର ପାରସ୍ପରିକତା ଓ ଅଧିକତର ଯଥାର୍ଥତା ଆଣି ଦଳଗତ ନ୍ୟସ୍ତ କାର୍ଯ୍ୟର ଫଳପ୍ରଦତା ଏ ଅଂଶଗ୍ରହଣକାରୀମାନଙ୍କର ସନ୍ତୋଷତାକୁ ସହାୟତା କରିବା ।

ଶିକ୍ଷକମାନେ ଜାଣନ୍ତି ଯେ ପିଲାମାନେ ଦଳରେ କାର୍ଯ୍ୟ କରିବା ବ୍ୟକ୍ତିବିଶେଷଙ୍କ ସମଷ୍ଟି ଠାରୁ ଅଧିକ । ସେମାନେ ଜାଣନ୍ତି ଯେ ଦଳର ଆକାର ଓ ଆକୃତି ଅଛି: ଉପଦଳର ଢାଞ୍ଚା ସମୂହ ଏବଂ ନିର୍ଦ୍ଦିଷ୍ଟ ବନ୍ଧୁତ୍ୱ ଥାଏ । କେତେକ ପିଲା ଅନ୍ୟମାନଙ୍କ ଠାରୁ ସେମାନଙ୍କ ଦଳ ଦ୍ୱାରା ବେଶୀ ପସନ୍ଦ ହୋଇଥାଆନ୍ତି । କେତେକ ମଧ୍ୟ କମ୍ ପରିମାଣରେ ପସନ୍ଦ ହୋଇଥାନ୍ତି ଓ ଏପରିକି ଅନେକ ସମୟରେ ସେମାନଙ୍କ ଦଳଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥାଆନ୍ତି । ଶିକ୍ଷଣ ପରିସ୍ଥିତି ଓ ବିଭିନ୍ନ ପ୍ରକାର ଦଳଗତ ପରିଚ୍ଳନା କୌଶଳ ସବୁ ଯାହା ଶିକ୍ଷକମାନେ ବ୍ୟବହାର କରିବାକୁ ଇଚ୍ଛା କରିପାରନ୍ତି ତାହା ପ୍ରତି ଦଳ କିପରି ପ୍ରତିକ୍ରିୟା ପ୍ରକାଶ କରିବ ଏହା ନିର୍ଦ୍ଧାରଣ କରିବାରେ ବନ୍ଧୁତ୍ୱ ଓ ପ୍ରତ୍ୟାଖ୍ୟାନ ଢାଞ୍ଚା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ସହପାଠୀ ଆକଳନ ନିମିତ୍ତ ସୋସିଓମେଟ୍ରି ଏକ ଗୁରୁତ୍ୱପୂର୍ଣ୍ଣ ସାଧନୀ ଅଟେ । ସାଧାରଣତଃ ଏହା ଶିକ୍ଷକଙ୍କୁ ପ୍ରିୟ ଓ ଏକୁଟିଆ ପିଲାକୁ ଜାଣିବା ଓ ଶ୍ରେଣୀରେ ପିଲାମାନଙ୍କୁ ଦଳ

ଟିପ୍ପଣୀ

କରିବାରେ ସାହାଯ୍ୟ କରିଥାଏ । ନିମ୍ନୋକ୍ତ ଚିତ୍ରଟି ଗୋଟିଏ ଶ୍ରେଣୀରେ ଛାତ୍ରଛାତ୍ରୀ ମାନଙ୍କ ଅନ୍ତଃସଂପର୍କକୁ ବୁଝିବାରେ ସୋସିଓମେଟ୍ରି ,କୌଶଳ ଶିକ୍ଷକଙ୍କୁ ସାହାଯ୍ୟ କରିଥାଏ ।

**୯.୭.୨ ସଞ୍ଚୟୀ ଘଟଣାବଳୀ ବିବରଣ ପତ୍ର**

ଶିକ୍ଷୟତ୍ରୀ ମନୋରମା ଆକଳନରେ ବହୁବାର ଘଟଣାବଳୀ ବିବରଣ ପତ୍ର ବ୍ୟବହାର କରନ୍ତି । ଶିକ୍ଷାର୍ଥୀର ମହତ୍ୱପୂର୍ଣ୍ଣ ଓ ଆଗ୍ରହୋଦ୍ଦୀପକ ସବିଶେଷ ତଥ୍ୟକୁ ତତ୍‌କ୍ଷଣାତ୍ ଲେଖିରଖିବା ପାଇଁ ସେ ସର୍ବଦା ତାଙ୍କର ଛୋଟ ଟିପ୍ପଣୀ ଖାତା ଓ କଲମ ନେଇଥାନ୍ତି । ଦିନେ ଶ୍ରେଣୀରେ ସେ ପାଇଲେ ଯେ ବିଟୁ ଗୋଟେ ରଙ୍ଗୀନ ଖଡୀ ରିଙ୍କୁକୁ ଦେଲା । ଯାହାର ବାପା ମାଆ ଏହା କିଣିବା ପାଇଁ ଅସମର୍ଥ । ଥରେ ଗୋଟିଏ ରୁଟି ପ୍ରସ୍ତୁତକାରୀ କାରଖାନାକୁ ପିଲାମାନଙ୍କ ସହ ପରିଦର୍ଶନରେ ଯାଇଥିବା ସମୟରେ ସେ ଦେଖିଲେ ଯେ ଫତିମା ବିସ୍କୁଟ ତିଆରି କରିବା ସଂପର୍କରେ ଅନେକ ପ୍ରଶ୍ନ ପଚାରୁଛି । ଶିକ୍ଷୟତ୍ରୀ ମନୋରମା ଏହି ଦୁଇଟି ଘଟଣାକୁ ସଂକ୍ଷେପରେ ଲେଖି ରଖିଲେ । ଦିନେ ସାଙ୍ଗମାନଙ୍କ ସହ ଘରକୁ ଫେରୁଥିବା ବେଳେ ସୀତା ଗୋଟିଏ ସାପ ଦେଖିଲା ଏବଂ ନିଜକୁ ଥଣ୍ଡା ରଖି ଦଳକୁ ନିରାପଦ ସ୍ଥାନକୁ ନେଇଗଲା । ସୀତାଠାରୁ ଏ କାହାଣୀ ଶୁଣି ସାରିବା ପରେ ଶିକ୍ଷୟତ୍ରୀ ମନୋରମା ସୀତାର ସାହସିକତା ଓ ନେତୃତ୍ୱ ଗୁଣକୁ ଲିପିବଦ୍ଧ କଲେ । ବବି କୁକୁରମାନଙ୍କୁ ଭୟ କରୁଥିଲା ଏବଂ ପିଲାମାନେ ତାକୁ ଅନେକ ସମୟରେ ଚିଡାନ୍ତି । ଶିକ୍ଷୟତ୍ରୀ ମନୋରମା ଏ ବିଷୟରେ ଜାଣିବାକୁ ପାଇଲେ। ବବି ଯେତେବେଳେ ଅନ୍ୟପିଲାମାନଙ୍କୁ ବାଡ଼େଉଥିବାର ସେ ଦେଖିଲେ ଓ ଏହାର କାରଣ ସେ ତାକୁ ପଚାରିଲେ । ସେ ବବିର ଭୟ ଛଡ଼ାଇବାପାଇଁ ବିଦ୍ୟାଳୟକୁ ଗୋଟେ ପୋଶା କୁକୁର ସପ୍ତାହକୁ ଥରକ ପାଇଁ କେତେକ ସପ୍ତାହ ନିମିତ୍ତ ନେଲେ ଏବଂ କ୍ରମଶଃ ବବି କୁକୁର ପ୍ରତି ତା'ର ଭୟକୁ ଦୂର କରିପାରିଲା । ବବି ଭିତରେ ଏହି ପରିବର୍ତ୍ତନକୁ ସେ ଲିପିବଦ୍ଧ କଲେ ଏବଂ ପ୍ରଗତି ପୁସ୍ତିକାରେ ଏହାକୁ ସେ ଲିପିବଦ୍ଧ କଲେ ।

**ନିଜ ଅଗ୍ରଗତିର ଆକଳନ - ୪**

ମନୋରମା ଏହି ଘଟଣାବଳୀ / ପର୍ଯ୍ୟବେକ୍ଷଣ ଗୁଡ଼ିକୁ କାହିଁକି ଲିପିବଦ୍ଧ କରନ୍ତି ? ମନେକର, ତୁମେ ତାଙ୍କ ସ୍ଥାନରେ ଅଛ, ଏହି ବିବରଣୀ ଗୁଡ଼ିକୁ ତୁମେ କିପରି ବ୍ୟବହାର କରିବାକୁ ଯାଉଛ ବର୍ଣ୍ଣନା କର ?

..........................................................................................

..........................................................................................

..........................................................................................

..........................................................................................

---

ବିଭିନ୍ନ ପରିସ୍ଥିତିରେ ଶିକ୍ଷକଙ୍କ ଦ୍ୱାରା ଭିନ୍ନ ଭିନ୍ନ ଘଟଣାମାନ ଲିପିବଦ୍ଧ ହୋଇଥାଏ । ପ୍ରତ୍ୟେକ ପିଲା ଉପରେ ଏହି ପର୍ଯ୍ୟବେକ୍ଷଣ ଶିକ୍ଷକଙ୍କ ଡାଏରୀରେ ସଂଗୃହୀତ ହୋଇଥାଏ । ବର୍ଷ ଶେଷରେ ପ୍ରତ୍ୟେକ ପିଲା ପାଇଁ ବିଭିନ୍ନ ଲେଖାମାନ ସେହି ପିଲା ପାଇଁ ସଞ୍ଚୟୀ ବିବରଣ ହୋଇଥାଏ ।

**୯.୭.୩- ପ୍ରକଳ୍ପ ମାଧ୍ୟମରେ ଆକଳନ**

ପ୍ରକଳ୍ପ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥାଏ । ପ୍ରକଳ୍ପ ଗୁଡିକ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣର ଦୁଇଟି ଦିଗ ଆକଳନ କରାଯାଇ ପାରିବ । ଗୋଟିଏ ଦିଗ ପରିବେଶ ଅଧ୍ୟୟନ ପ୍ରସଙ୍ଗର ସେମାନଙ୍କ ଶିକ୍ଷଣ ହୋଇଥିଲା ବେଳେ ଅନ୍ୟଟି ସାମାଜିକ ଦକ୍ଷତା ଓ ମୂଲ୍ୟବୋଧ ଭଳି ପରିବେଶ ଅଧ୍ୟୟନର ସାଧାରଣ ଉଦ୍ଦେଶ୍ୟ ସମୂହ ଅଟେ । ଯେତେବେଳେ ଶିକ୍ଷାର୍ଥୀମାନେ ସ୍ଥାନୀୟ



ଟିପ୍ପଣୀ

ଜଳ ବିତରଣ ସଂସ୍ଥା, ସବୁଜ କ୍ଷେତ୍ର ଓ ପାଖରେ ଥିବା ପକ୍ଷୀମାନଙ୍କର ଦଳଗତ ସର୍ବେକ୍ଷଣ କରନ୍ତି, ସେତେବେଳେ ଶିକ୍ଷକ କେବଳ ପ୍ରସଙ୍ଗ ସଂପର୍କିତ ବିଭିନ୍ନ ଦିଗକୁ ଆକଳନ କରି ନିମ୍ନଲିଖିତ ଅନ୍ୟାନ୍ୟ ଦକ୍ଷତା ଗୁଡ଼ିକୁ ଆକଳନ କରିବା ଦରକାର, ଯଥା:-

- ସ୍ଥାନୀୟ ଗୋଷ୍ଠୀ ସହ ଫଳପ୍ରଦ ଭାବେ ଯୋଗାଯୋଗ କରିବାରୁ ସାମର୍ଥ୍ୟ
- ପ୍ରକଳ୍ପ ବିବରଣୀର ଗୁଣାତ୍ମକ ଉପସ୍ଥାପନା
- ଅଂଶଗ୍ରହଣର ଗୁଣାତ୍ମକତା- ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନମାନ ପଚରାଯାଇପାରିବ, ଯଥା:- (୧) ଦଳର ସଦସ୍ୟମାନଙ୍କ ନାମ କୁହ, ଯେଉଁମାନେ ପରସ୍ପରକୁ ଅଧିକାଂଶ ସମୟରେ ସାହାଯ୍ୟ କରୁଥିଲେ । (୨) ତୁମ ଦଳରେ ସାଙ୍ଗମାନଙ୍କ ନାମ କୁହ । (୩) ଦଳଗତ କାର୍ଯ୍ୟ ସମୟରେ ତୁମେ ମତପାର୍ଥକ୍ୟ ଗୁଡ଼ିକୁ ସମାଧାନ କରିବାରେ ସମର୍ଥ ହୋଇଥିଲ କି ? (୪) ତୁମେ ସମ୍ବଳଗୁଡ଼ିକୁ ବିନିମୟ କଲ କି ?
- ବାସ୍ତବ ଜୀବନ ପରିସ୍ଥିତିରେ ପ୍ରକ୍ରିୟା ଓ ସମ୍ପର୍କ ଗୁଡ଼ିକ ବିଷୟରେ ଚିନ୍ତା ଓ ବିଶ୍ଳେଷଣ କରିବାର ସାମର୍ଥ୍ୟ

### ୯.୭.୪ ଅଂଶଗ୍ରହଣର ପରିସର ଓ ଗୁଣାତ୍ମକତା

ଶିକ୍ଷାର୍ଥୀମାନେ ଯେତେବେଳେ ବିଦ୍ୟାଳୟରେ ଶିକ୍ଷଣ ପ୍ରକ୍ରିୟାରେ ନିୟୋଜିତ ଥାଆନ୍ତି ସେତେବେଳେ ସେମାନେ ସାଙ୍ଗସାଥୀ ଓ ଶିକ୍ଷକଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣର ଭିନ୍ନ ଭିନ୍ନ ସ୍ଥିତି ଦେଇ ଯାଆନ୍ତି । ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣ ଦୃଷ୍ଟିରୁ ସେମାନେ ଭିନ୍ନ ପ୍ରକାରର ଅଟନ୍ତି । ସେମାନଙ୍କ ଭିତରୁ କେତେକ ସମ୍ପୂର୍ଣ୍ଣ ସକ୍ରିୟ ଓ ସେମାନଙ୍କ ଦୃଷ୍ଟିଭଙ୍ଗୀ ଆଧାରିତ ଭିନ୍ନଭିନ୍ନ ପ୍ରଶ୍ନମାନ ଉଥାପନ କରନ୍ତି ଏବଂ ଯଦି ସେମାନଙ୍କୁ ସୁଯୋଗ ଦିଆଯାଏ ସେମାନେ ନିଜର ଜ୍ଞାନ ଗଠନ ପାଇଁ ଚେଷ୍ଟା କରନ୍ତି । ସେମାନଙ୍କ ଅଂଶଗ୍ରହଣର ଗୁଣାତ୍ମକତା ଶିକ୍ଷକଙ୍କ ଉପସ୍ଥିତି ଉପରେ କମ୍ ନିର୍ଭର କରେ ଯାହା ଜ୍ଞାନ ସଂରକ୍ଷଣ ଅଭିବୃଦ୍ଧି ଫଳ । ସେମାନେ ଶିକ୍ଷକଙ୍କ ପାଇଁ ଗୁଣାତ୍ମକ ଶିକ୍ଷଣ ପରିସ୍ଥିତି ଗୁଡ଼ିକ ଉପରେ ପ୍ରତିପୃଷ୍ଟିର ସମୃଦ୍ଧ ଉତ୍ସ ହୋଇଥାନ୍ତି । ଏପରିକି ଅଧିକତର ଭାବେ ସେମାନଙ୍କ ଅଂଶଗ୍ରହଣ ସ୍ୱଅଭିପ୍ରେରିତ ଓ ସ୍ୱଆକଳିତ ହୋଇଥାଏ । ଦ୍ୱିତୀୟ ଦଳର ଶିକ୍ଷାର୍ଥୀମାନେ ଅଧିକ ଭାବେ ଶିକ୍ଷକଙ୍କ ଦୃଷ୍ଟିଭଙ୍ଗୀକୁ ଆଜ୍ଞାବହ ଭାବେ ଗ୍ରହଣ କରନ୍ତି । ଯାହା ସେମାନଙ୍କ ନିକଟକୁ ଆସେ ଓ ସାମାନ୍ୟତମ ପ୍ରଶ୍ନ ଉଥାପନ ବିନା ତାହାକୁ ଆତ୍ମୀକରଣ କରିବା ପାଇଁ ଚେଷ୍ଟା କରନ୍ତି । ଫଳତଃ ପ୍ରତିପୃଷ୍ଟିର ସୁଯୋଗ ସୀମିତ ହୋଇଯାଏ । ସେମାନେ ମଧ୍ୟ ଶିକ୍ଷକଙ୍କ ଉପରେ ନିର୍ଭରଶୀଳତାର ଲକ୍ଷଣ ପ୍ରଦର୍ଶନ କରନ୍ତି । ଯାହା କମ୍ ଫଳପ୍ରଦ ଅବଧାରଣ ସୃଷ୍ଟିକରେ । ଫଳପ୍ରଦ ଶିକ୍ଷଣ କୈନ୍ଦ୍ରିକ ଆକଳନ ଏହା କମ୍ ସୁଯୋଗ ପ୍ରଦାନ କରେ ।

ତୃତୀୟ ପ୍ରକାର ବିଭାଗଟି କେତେକ ଶିକ୍ଷାର୍ଥୀମାନଙ୍କୁ ଅନ୍ତର୍ଭୁକ୍ତ କରେ ଯେଉଁମାନେ ଶିକ୍ଷଣ ପ୍ରକ୍ରିୟା ପ୍ରତି ଅତି ମାତ୍ରାରେ ଆଗ୍ରହୀ ନୁହଁନ୍ତି । ସେମାନେ ବାଧ୍ୟବାଧକତାରେ ଶ୍ରେଣୀରେ ରୁହନ୍ତି । ସେମାନେ ଶିକ୍ଷଣରେ କମ୍ ଆଗ୍ରହୀ ହୁଅନ୍ତି ଯଦି ସୁଯୋଗ ଦିଆଯାଏ ସେମାନେ ଶ୍ରେଣୀ ଛାଡ଼ି ପଳାଇଯିବାକୁ ପସନ୍ଦ କରନ୍ତି । ସେମାନେ କ୍ୱଚିତ ଶିକ୍ଷଣ କାର୍ଯ୍ୟରେ ଅଂଶଗ୍ରହଣ କରନ୍ତି ଓ ଅଧିକତର ଭାବେ ଘୋଷା ଶିକ୍ଷଣ ଉପରେ ନିର୍ଭର କରନ୍ତି । ସେମାନଙ୍କର ମାନସିକ ସ୍ଥିତିର ପରିସର ସେମାନଙ୍କର ପିଲାବେଳର ସ୍ଥିତି ଯୋଗୁଁ ହୋଇଥାଏ ଯାହା ଶିକ୍ଷକଙ୍କ ଉପରେ ଅଧିକ ନିର୍ଭରଶୀଳ ।

ଫଳତଃ ଜ୍ଞାନ ଅବଧାରଣ ଖୁବ୍ କମ୍ ହୋଇଥାଏ । କମ୍ ଗୁଣାତ୍ମକତାର ଅଂଶଗ୍ରହଣ ଶିକ୍ଷଣ କୈନ୍ଦ୍ରିକ ଆକଳନ ପାଇଁ ଖୁବ୍ କମ୍ ସୁଯୋଗ ପ୍ରଦାନ କରେ । ଏଠାରେ ଜଣେ ଶିକ୍ଷକ ଭାବେ ନିର୍ଦ୍ଦିଷ୍ଟ ପରିବେଶ ସୃଷ୍ଟି କରିବା ତୁମର ଭୂମିକା ଅଟେ । ଯେଉଁଠାରେ ଶିକ୍ଷାର୍ଥୀର ଅଂଶଗ୍ରହଣର ପରିସର ଓ ଗୁଣାତ୍ମକତା ଫଳପ୍ରଦ ଶିକ୍ଷଣ କୈନ୍ଦ୍ରିକ ଆକଳନ ମାଧ୍ୟମରେ ରକ୍ଷା କରାଯାଇପାରିବ ।

ଟିପ୍ପଣୀ

## ୯.୮ ସାରାଂଶ

ଆକଳନ ଆନୁଷ୍ଠାନିକ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଏକ ନିର୍ଣ୍ଣାୟତ୍ମକ ଅଂଶ ଅଟେ । ଉତ୍ତମ ଆକଳନ ଶିକ୍ଷାର୍ଥୀଙ୍କ ଶିକ୍ଷଣ ପ୍ରକ୍ରିୟାରେ ଥିବା ତ୍ରୁଟି ବିଚ୍ୟୁତିକୁ ଅତିକ୍ରମ କରିବାରେ ସେମାନଙ୍କୁ ସହାୟତା କରିବା ଓ ଶିକ୍ଷଣକୁ ଆକଳନ କରିବା ନିମିତ୍ତ ଉଦ୍ଦିଷ୍ଟ । ଆକଳନକୁ ଫଳପ୍ରଦ କରିବା ପାଇଁ ଏହା ଧାରାବାହିକ ଓ ସାମଗ୍ରୀକ, ବିଶ୍ୱାସଯୋଗ୍ୟ, ବୈଧ, ନ୍ୟାୟସଙ୍ଗତ ଓ ନମନୀୟ ହେବା ଉଚିତ୍ ।

ଶ୍ରେଣୀରେ ଆକଳନ ପ୍ରକ୍ରିୟା ପ୍ରତି ଶିକ୍ଷକଙ୍କ ସକାରାତ୍ମକ ଦୂରଦୃଷ୍ଟି ଏକ ସାଧନୀ ଭାବେ ଶିକ୍ଷଣକୁ ସହାୟତା ଏହାକୁ ଅର୍ଥପୂର୍ଣ୍ଣ କରିପାରିବ ।

ବହୁବିଧ ଶିକ୍ଷଣ କୈନ୍ଦ୍ରିକ ପନ୍ଥା ସବୁ ଆକଳନ ପ୍ରକ୍ରିୟାର ଉପଲବ୍ଧିରେ ସାହାଯ୍ୟ କରିପାରିବ ।

ଏହି ଏକକରେ ପରବର୍ତ୍ତୀ ଭାଗରେ ତୁମେ ଆକଳନର ସାଧନୀ ଓ କୌଶଳ ବିଷୟରେ ଶିଖିବ ।

## ୯.୯. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

ନିଜ ଅଗ୍ରଗତି ଆକଳନ:- (୧)

ଉତ୍ତରଟି ବିଷୟ ଭିତ୍ତିକ ବ୍ୟକ୍ତିନିଷ୍ଠ ହେବ ଯାହା ତୁମକୁ ତୁମର ଅଭିଜ୍ଞତାରୁ ଲେଖିବାକୁ ହେବ ।

ନିଜ ଅଗ୍ରଗତି ଆକଳନ-(୨)

ସୃଷ୍ଟିହୋଇଥିବା ପରିସ୍ଥିତି ଉପଯୋଗୀ ଉତ୍ତର ତୁମ ନିଜ ଅଭିଜ୍ଞତାରୁ ଲେଖାହେବ ।

ନିଜ ଅଗ୍ରଗତି ଆକଳନ:-(୩)

ପରିସ୍ଥିତି ଉପଯୋଗୀ ଉତ୍ତର ଲେଖାହେବ ।

ନିଜ ଅଗ୍ରଗତି ଆକଳନ:- (୪)

ପରିସ୍ଥିତି ଉପଯୋଗୀ ତୁମ ନିଜର ବିଶେଷଙ୍କ ମତାମତ ଦିଅ ।

## ୯.୧୦ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ


- http://fcit.usf.edu/assessment/basic/basicc.html
- http://www.learningandteaching.info/teaching/assessment.htm
- learnline.cdu.edu.au/t4l/teachinglearning/**assessment**vet.html
- www.cal.org/flad/tutorial/**reliability**/3and**validity**.html )


## ୯.୧୧ ପାଠାନ୍ତ ପ୍ରଶ୍ନାବଳୀ

୧. ଗତବର୍ଷ ତୁମ ଶିକ୍ଷାର୍ଥୀମାନଙ୍କ ସହିତ ହୋଇଥିବା ଭିନ୍ନ ଭିନ୍ନ ଆକଳନ ପ୍ରତିକ୍ରିୟା ଗୁଡ଼ିକୁ ସମୀକ୍ଷା କର । ତୁମ ଦ୍ୱାରା ବ୍ୟବହାର ହୋଇଥିବା ଆକଳନ ଉପରେ ଆଲୋକପାତ କର । ସେଗୁଡ଼ିକର ପ୍ରତ୍ୟେକକୁ ଏହାର ଫଳପ୍ରଦତା ପାଇଁ ବିଶ୍ଳେଷଣ କର ।

୨. ଏକ ଦଳଗତ ପରିସ୍ଥିତିରେ ଜଣେ ଶିକ୍ଷାର୍ଥୀର ଶିକ୍ଷଣ ଆକଳନ କରିବାରେ ତୁମ ଅଭିଜ୍ଞତାର ବିନିମୟ କର । ଏଥିପାଇଁ ତୁମେ କେଉଁ ମୁଖ୍ୟ ମାନଦଣ୍ଡ ବ୍ୟବହାର କଲ ।

ଟିପ୍ପଣୀ